## ସଂକ୍ଷେପରେ

### ଭାଜପା ନେତ୍ରୀଙ୍କ ନାଁରେ ଜାଲ୍ ଫେସ୍‌ବୁକ୍ ଓ ହ୍ୱାଟ୍ସ ଆପ୍ ଆକାଉଣ୍ଟ

**ବ୍ରହ୍ମପୁର ଅଫିସ,୧୦।୩:** ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ମୀନା ଦ୍ୟାନସାମନ୍ତରାଙ୍କ ସୋସିଆଲ୍ ମିଡିଆରେ ଉପଲବ୍ଧ ପ୍ରୋଫାଇଲ୍ ଫଟୋର ଦୁରୁପଯୋଗ କରି କେହି ଦୁର୍ବୃତ୍ତ ଜାଲ୍ ଫେସବୁକ୍ ଏବଂ ହ୍ୱାଟ୍ସ ଆପ୍ ଆକାଉଣ୍ଟ ଖୋଲିଛନ୍ତି। ସେ ଏନେଇ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ ୬/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅଭିଯୋଗକାରୀଙ୍କ ଆକାଉଣ୍ଟରୁ ତାଙ୍କ ବନ୍ଧୁ ବାନ୍ଧବ, ସମ୍ପର୍କୀୟଙ୍କୁ ସୋସିଆଲ୍ ମିଡିଆରେ ବନ୍ଧୁତା ପାଇଁ ଫ୍ରେଣ୍ଡ ରିକ୍ୱେଷ୍ଟ ମଧ ପଠାଯାଇଛି। କେତେକ ଅନୁଚିତ ବାର୍ତ୍ତା (ମ୍ୟାସେଜ୍) ମଧ ପଠାଯାଇଛି, ଯାହାକି ତାଙ୍କୁ ମାନସିକ ଆଘାତ ଦେବା ସହ ସାମାଜିକ ପ୍ରତିଷ୍ଠା ଉପରେ ଆଞ୍ଚ ଆଣୁଛି। ତେଣୁ ଏଭଳି ଆପରାଧିକ କାର୍ଯ୍ୟରେ ଲିପ୍ତ ବ୍ୟକ୍ତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏତଲା ଦେଇଛନ୍ତି।

### ଷ୍ଟୁଡିଓରୁ ଚୋରି, ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୧୦।୩:** ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ଷ୍ଟୁଡିଓ (ସ୍କିନ୍ କାନଭାସ୍ ଟାଟୁ ଷ୍ଟୁଡିଓ)ରୁ ଚୋରି ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଦୋକାନ ମାଲିକ ସୁସ୍ମିତା ସ୍ୱାଇଁଙ୍କ ଅଭିଯୋଗ ମୁତାବକ, କେହି ଦୁର୍ବୃତ୍ତ ଗତ ୯ତାରିଖ ବିଳମ୍ବିତ ରାତିରେ ଦୋକାନରେ ପସି ଲାପଟପ୍, ସୁନା କାନଫୁଲ, ଗୋଟିଏ ନାକଗୁଣା ଚୋରି କରିନେଇଛନ୍ତି। ଦୋକାନର କ୍ୟାସ ବାକ୍ସର ତାଲା ଖୋଲିବାକୁ ମଧ ଉଦ୍ୟମ କରିଥିଲେ। ଦୋକାନରେ ଲାଗିଥିବା ସିସି ଟିଭି ଫୁଟେଜରୁ ଏହା ଜଣାପଡିଛି। ତେବେ ଚୋରି ଯାଇଥିବା ଲାପଟପରେ କେତେକ ଗୁରୁତ୍ତ୍ୱପୂର୍ଣ୍ଣ ନଥିପତ୍ର ଓ ଫଟୋ ରହିଛି। ସେଗୁଡ଼ିକର ଅପବ୍ୟବହାର ରୋକିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ସେ ଏତଲାରେ ଦର୍ଶାଇଛନ୍ତି। ପୋଲିସ ନଂ ୯୫/୨୩ରେ ମାମଲା ରୁଜୁ କରିବା ସହିତ ଲୁଟ୍ ଅଭିଯୁକ୍ତ ଖଲାସି ସାହିର ଟି. ପବନ କଲ୍ୟାଣ (୧୯)ଙ୍କୁ ଗିରଫ କରିଛି। ତାଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରାଯାଇଛି।

### ବୁଢ଼ୀ ଠାକୁରାଣୀ ଯାତ୍ରାର ଶୁଭଖୁଣ୍ଟି ସ୍ଥାପନ ପାଇଁ ତାରିଖ ଧାର୍ଯ୍ୟ



**ବ୍ରହ୍ମପୁର ଅଫିସ,୧୦।୩:** ବ୍ରହ୍ମପୁରର ପ୍ରସିଦ୍ଧ ଦ୍ୱିବାର୍ଷିକ ବୁଢି ଠାକୁରାଣୀ ଯାତ୍ରା ନିମନ୍ତେ ଶୁକ୍ରବାର ତାରିଖ ଧାର୍ଯ୍ୟ ହୋଇଛି। ଏ ନେଇ ଯାତ୍ରା କମିଟିର ପାଟାରାଲା ଦୁର୍ଗା ପ୍ରସାଦ ଦେଶୀ ବେହେରା ସୂଚନା ଦେଇଛନ୍ତି। ଯାତ୍ରା ପୂର୍ବରୁ ଶୁଭ ଖୁଣ୍ଟି ସ୍ଥାପନ ନିମନ୍ତେ ଆସନ୍ତା ୧୭ ଓ ୧୯ ତାରିଖ ପାଇଁ ସିଦ୍ଧାନ୍ତି ଗୁରୁଙ୍କ ଦ୍ୱାରା ତାରିଖ ଧାର୍ଯ୍ୟ କରାଯାଇଥିବା ଦୁର୍ଗାପ୍ରସାଦ କହିଛନ୍ତି। ଏହି ୨ ଟି ତାରିଖ ମଧରୁ କୌଣସି ଗୋଟିଏ ଦିନରେ ଶୁଭ ଖୁଣ୍ଟି ସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ଶୁଭ ଖୁଣ୍ଟି ସ୍ଥାପନ ହେବା ପରେ ମା'ଙ୍କର ଅସ୍ଥାୟୀ ମନ୍ଦିର ନିମନ୍ତେ କାର୍ଯ୍ୟ ଆରମ୍ଭ ହେବ। ଏହାପରଠାରୁ ପ୍ରସିଦ୍ଧ ଠାକୁରାଣୀ ଯାତ୍ରା ଆରମ୍ଭ ହେବ।

# ରାଷ୍ଟ୍ର ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଜିଲାସ୍ତରୀୟ ମହିଳା ଦିବସ



ଜିଲାସ୍ତରୀୟ ମହିଳା ଦିବସ ଅବସରରେ ସମ୍ମାନିତ ବ୍ୟକ୍ତିଙ୍କ ସମେତ ଅତିଥିବୃନ୍ଦ।

**ଛତ୍ରପୁର,୧୦।୩(ଡି.ଏନ.ଏ.)**

ନାରୀମାନଙ୍କ ସାମଗ୍ରିକ ବିକାଶ ଓ ସେମାନଙ୍କର ସାମାଜିକ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଜିଲା ପରିଷଦ ଗଞ୍ଜାମ ସ୍ଥିତ ଋଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ମହିଳା ଦିବସ ଉଦଯାପନ ମହାସମାରୋହ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭି. କୀର୍ତ୍ତି ଭାସନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ମହିଳାମାନେ ରାଷ୍ଟ୍ର ଗଠନର ମୁଖ୍ୟ କର୍ଣ୍ଣଧାର। ମହିଳାମାନଙ୍କ ବିନା ପ୍ରଗତିରେ ଦେଶର ପ୍ରଗତି ହୋଇପାରିବ ନାହିଁ। ମହିଳାମାନଙ୍କୁ ଶିକ୍ଷା କ୍ଷେତ୍ରରେ ଅଗ୍ରାଧିକାର ଦେବା ଆମ ସମସ୍ତଙ୍କର ଦାୟିତ୍ୱ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରିୟରଞ୍ଜନ ପୃଷ୍ଟି ଯୋଗ ଦେଇ କହିଥିଲେ ଯେ, ମହିଳାମାନଙ୍କୁ ସବୁ କ୍ଷେତ୍ରରେ ସମାନ ସୁବିଧା ସୁଯୋଗ ଦେବା ଓ ମହିଳା ମାନେ ଯେପରି ସ୍ୱାବଲମ୍ବୀ ଓ ଆତ୍ମ ନିର୍ଭରଶୀଳ ହୋଇପାରିବେ ସେଥିପ୍ରତି ଆମେ ସମସ୍ତେ ମିଳିମିଶି କାମ କରିବା ଉଚିତ। ଏହି ଅବସରରେ ବିଗତ ଦିନଗୁଡ଼ିକ ମହିଳା ମାନଙ୍କ ସୁରକ୍ଷା ଓ ଅଧିକାର ପାଇଁ ଗଞ୍ଜାମ ଜିଲା ପ୍ରଶାସନ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମଧ ଆଲୋଚନା କରିଥିଲେ। ବୈଠକର ପ୍ରାରମ୍ଭରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଶୁଭଶ୍ରୀ ପାତ୍ର ସ୍ୱାଗତ ଭାଷଣ ଦେବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଗଞ୍ଜାମ ଜିଲାପରିଷଦ ଉପାଧ୍ୟକ୍ଷା ଏସ୍. ରାଜେଶ୍ୱରୀ ଦୋରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ସାଧନ ଚନ୍ଦ୍ର ଦାଶ ଯୋଗଦେଇଥିଲେ। ଏହି ଅବସରରେ ୨୦୨୨-୨୩ରେ ଉତ୍ତମ କାର୍ଯ୍ୟ ପାଇଁ ବେଷ୍ଟ ସିଡିପିଓ, ବେଷ୍ଟ ସୁପରଭାଇଜର୍, ବେଷ୍ଟ ଅଙ୍ଗନୱାଡି କର୍ମୀ, ବେଷ୍ଟ କିଶୋର କିଶୋରୀ ପ୍ରମୁଖଙ୍କୁ ଜିଲା ପ୍ରଶାସନ ଦ୍ୱାରା ସମ୍ମାନିତ କରାଯାଇଥିଲା। ପରିଶେଷରେ ଜିଲା ମହିଳା ସୁରକ୍ଷା ଅଧିକାରୀ ସଙ୍ଗୀତା ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମର ଗଞ୍ଜାମ ଜିଲା ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଚାଇଲଡ ଲାଇନ, ସଖୀ ୱାନ ଷ୍ଟପ ସେଣ୍ଟର ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରମୁଖ ଯୋଗ ଦେଇଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ସନ୍ତୋଷ



@ ସାଗର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମଣ୍ଡଳ କାରାଗାର ଅନ୍ତେବାସୀଙ୍କ କୃତିତ୍ୱ

## ନୃତ୍ୟ ପ୍ରତିଯୋଗିତାରେ ଫାଇନାଲ୍ ରାଉଣ୍ଡରେ ପ୍ରବେଶ



ନୃତ୍ୟ ପ୍ରତିଯୋଗିତା।

**ବ୍ରହ୍ମପୁର ଅଫିସ,୧୦।୩**

ସରକାରଙ୍କ ତରଫରୁ ଜେଲଗୁଡ଼ିକରେ ହାତକୁ ନିଆଯାଉଥିବା ସଂସ୍କାରମୂଳକ କାର୍ଯ୍ୟକ୍ରମ ଯୋଗୁ ବହୁ ଅନ୍ତେବାସୀଙ୍କ କ୍ଷେତ୍ରରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏପରିକି ବ୍ରହ୍ମପୁର ମଣ୍ଡଳ କାରାଗାରର ଅନ୍ତେବାସୀମାନେ ଏଭଳି କାର୍ଯ୍ୟକ୍ରମ ଜରିଆରେ ଏକ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଫାଇନାଲ୍ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଉତ୍ତର ପ୍ରଦେଶ ସରକାରଙ୍କ ତରଫରୁ କଳାନ୍ତର ଅନୁଷ୍ଠାନ ଦ୍ୱାରା ଆୟୋଜିତ ଏକ ଏକ ଅନଲାଇନ୍ ପ୍ରତିଯୋଗିତାରେ ବ୍ରହ୍ମପୁର ମଣ୍ଡଳ କାରାଗାରର ଅନ୍ତେବାସୀମାନେ ଅଂଶଗ୍ରହଣ କରିଥିଲେ। ଅନ୍ତେବାସୀମାନେ ନୃତ୍ୟ, ସଙ୍ଗୀତ ଓ କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅନ୍ତେବାସୀଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ ପ୍ରତିଯୋଗିତାର ଫାଇନାଲ୍ ରାଉଣ୍ଡକୁ ପ୍ରବେଶ କରିଛି। ମଣ୍ଡଳ କାରାଗାର ଅଧୀକ୍ଷକ ଡି.ଏନ୍ ବାରିକ ଓ ଜେଲର୍ ସତ୍ୟନାରାୟଣ ବେହେରାଙ୍କ ଉଦ୍ୟମ କ୍ରମେ ଏହା ସମ୍ଭବ ହୋଇପାରିଛି। ଫାଇନାଲ୍ ରାଉଣ୍ଡରେ ମଣ୍ଡଳ କାରାଗାର ଟିମ୍ ବିଜେତା ହେବ ବୋଲି ସମସ୍ତେ ଆଶା ରଖିଛନ୍ତି।

### ଶେରଗଡ଼ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି

**ଶେରଗଡ଼,୧୦।୩(ଡି.ଏନ.ଏ.)**

ଶେରଗଡ଼ ବ୍ଲକର ୨୮ ଉଚ୍ଚ ବିଦ୍ୟାଳୟରୁ ମୋଟ ୬ଟି ବ୍ଲକ ଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟ। ଏହି ବିଦ୍ୟାଳୟ ଖୋଲିବା ଦିନଠାରୁ ଶିକ୍ଷକ ନିଯୁକ୍ତି ହେଇନାହାନ୍ତି। ପ୍ରତିବର୍ଷ ଉକ୍ତ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକମାନେ ଅବସର ନେଉଥିବାରୁ ବିଜ୍ଞାନ ଗଣିତ, ଇତିହାସ, ଇଂଲିଶ ଆଦି ପଦବୀ ଖାଲି ପଡ଼ିଲାଣି । ଏଥିସହ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ ପଦବୀ ମଧ ଖାଲି ପଡ଼ିଛି। ଉକ୍ତ ବିଦ୍ୟାଳୟର ନବୀକରଣ କାର୍ଯ୍ୟ ସହ ରୂପାନ୍ତରିକରଣ କାର୍ଯ୍ୟ ମଧ କରାଯାଇଛି। ହେଲେ ପ୍ରତିବର୍ଷ କର୍ମଚାରୀଙ୍କ ଅସର ନେବା ଦ୍ୱାରା ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଛି। ଉକ୍ତ ବିଦ୍ୟାଳୟ ମଧରେ କୁଲାଗଡ଼ ସ୍ଥିତ ମା' କାଳୀ ଉଚ୍ଚ ବିଦ୍ୟାଳୟ, ଜଗନ୍ନାଥ ବିଦ୍ୟାପୀଠ କାନସା, ଶହୀଦ ଉଚ୍ଚ ବିଦ୍ୟାଳୟ ତାକରଡା, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଢଙ୍କିସାଳ, ଉଚ୍ଚ ବିଦ୍ୟାଳୟ ଅଲାରିଗଡ଼ ରହିଛି। ତେବେ ସରକାର ଏଥିପ୍ରତି ଦୃଷ୍ଟି ଦେଇ ନୂତନ ଶିକ୍ଷକ ନିଯୁକ୍ତ ଦିଅନ୍ତୁ ବୋଲି ଅଭିଭାବକମାନେ ଦାବି କରିଛନ୍ତି।

# ସାଇନ୍ସ ପାର୍କ ନିର୍ମାଣ ୩୦ ମାସରେ ସମ୍ପୂର୍ଣ୍ଣ ହେବ

## ବ୍ରହ୍ମପୁର ବିଧାୟକଙ୍କୁ ଉତ୍ତର ଦେଲେ ମନ୍ତ୍ରୀ

**ବ୍ରହ୍ମପୁର ଅଫିସ,୧୦।୩**

ବ୍ରହ୍ମପୁର ନିକଟ ବିକ୍ରମପୁରରେ ପ୍ରସ୍ତାବିତ ସାଇନ୍ସ ପାର୍କ ଓ ପ୍ଲାନେଟୋରିୟମ ଶିଳାନ୍ୟାସରେ ଅଟକିଯାଇଛି। ୭ ବର୍ଷ ବିତିବା ପରେ ବି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ଅନିଶ୍ଚିତତା ହୋଇଯାଇଛି। ପ୍ରତିଷ୍ଠା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ସମୟସୀମା ସରକାର ଧାର୍ଯ୍ୟ କରିବେ କି ବୋଲି ଶୁକ୍ରବାର ବିଧାୟକ ବିକ୍ରମ କୁମାର ପଣ୍ଡା ବିଧାନସଭାରେ ପ୍ରଶ୍ନ କରିଥିଲେ। ଉତ୍ତରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ସାଇନ୍ସ ପାର୍କ ନିର୍ମାଣ କାର୍ଯ୍ୟ ଇଡ୍‌କୋକୁ ନ୍ୟସ୍ତ କରାଯାଇଛି। ଇତିମଧ୍ୟରେ କାର୍ଯ୍ୟାରମ୍ଭ ହୋଇଛି। ଆସନ୍ତା ୩୦ ମାସ ମଧ୍ୟରେ ପ୍ଲାନେଟୋରିୟମ ପ୍ରତିଷ୍ଠା ହେବାର ଲକ୍ଷ୍ୟଧାର୍ଯ୍ୟ ହୋଇଛି।

ବିକ୍ରମ ପଣ୍ଡାଙ୍କ ପ୍ରଶ୍ନରେ ବିଭାଗୀୟ ମନ୍ତ୍ରୀ ଆହୁରି କହିଛନ୍ତି ବିକ୍ରମପୁରରେ ଜମିଜମା ସମସ୍ୟା ଯୋଗୁ ନିର୍ମାଣ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଛି। କନିଷ୍ଠ ତହସିଲ ଅଧିନ ବିକ୍ରମପୁର ମୌଜାରେ ଏବେ ନିର୍ମାଣ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଛି। ଖୁବଶୀଘ୍ର କାର୍ଯ୍ୟ ସାରିବାକୁ ଇଡକୋକୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଅଢ଼େଇ ବର୍ଷରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅନ୍ୟପକ୍ଷରେ ପ୍ଲାନେଟୋରିୟମକୁ ଗଞ୍ଜାମ ଜିଲା ଖଲିକୋଟର ଖ୍ୟାତନାମା ଜ୍ୟୋତିଷ ବିଶାରଦ ସ୍ୱର୍ଗତ ବାଇକୋଳି ମହାପାତ୍ରଙ୍କ ନାମରେ ନାମିତ କରାଯିବାକୁ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଶିଳାନ୍ୟାସ ପରଠାରୁ ଦାବି କରାଯାଇଛି।

# ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ୧୯୩୫ ଅନୁପସ୍ଥିତ

**ବ୍ରହ୍ମପୁର ଅଫିସ/ଆସିକା/ ବେଗୁନିଆପଡ଼ା/ ଦିଗପହଣ୍ଡି , ୧୦।୩ (ଡି.ଏନ୍.ଏ)**

- ଆସିକାରେ ୪୭ ଅନୁପସ୍ଥିତ
- ବେଗୁନିଆପଡ଼ାରେ ୨୫୧ ପରୀକ୍ଷାର୍ଥୀ
- ଦିଗପହଣ୍ଡିରେ ୧୨ ପରୀକ୍ଷା କେନ୍ଦ୍ର

ସାରା ରାଜ୍ୟରେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାରଠାରୁ ଦଶମ ଶ୍ରେଣୀ ସମେଟିଭ-୨ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଛାତ୍ରୀଛାତ୍ର ମାତୃଭାଷା ଓଡ଼ିଆ ପରୀକ୍ଷା ଦେଇଥିଲେ। ସକାଳ ୭ରୁ ପରୀକ୍ଷା ଆରମ୍ଭ ହୋଇଥିଲା। ପରୀକ୍ଷା ପୂର୍ବରୁ ସମସ୍ତ ବିଦ୍ୟାଳୟରେ ପରୀକ୍ଷାର୍ଥୀଙ୍କ କପି ଯାଞ୍ଚ ହେବା ସହ ସେମାନଙ୍କୁ ଶୃଙ୍ଖଳାର ସହ ପରୀକ୍ଷା ହଲକୁ ପ୍ରବେଶ ଦିଆଯାଇଥିଲା। ଶାନ୍ତି ଶୃଙ୍ଖଳାର ସହ ଜିଲାର ସମସ୍ତ ବିଦ୍ୟାଳୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସମେଟିଭ ଦ୍ୱିତୀୟ ପରୀକ୍ଷା ନିମନ୍ତେ ଗଞ୍ଜାମ ଜିଲାରେ ପରୀକ୍ଷା ନିମନ୍ତେ ପ୍ରାୟ ୪୩୧୧୩ ଜଣ ରେଗୁଲାର ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ ସୁଦ୍ଧା ୪୧୨୨୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପ୍ରାୟ ୧୮୮୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ସେହିପରି ମଧମାରେ ୮୭ ଜଣ ଛାତ୍ରୀଛାତ୍ର ଫର୍ମ ପୁରଣ କରିଥିବା ବେଳେ ୮୨ ଜଣ ପରୀକ୍ଷା ଦେଇଥିଲେ ଓ ୦୫ ଜଣ ଅନୁପସ୍ଥିତ ରହିଥିଲେ। (ଏସଓଏସସି) ଷ୍ଟେଟ ଓପେନ ସ୍କୁଲିଂ ସାର୍ଟିଫିକେଟ ପକ୍ଷରୁ ୨୨୪ ଜଣ ଛାତ୍ରୀଛାତ୍ର ଜିଲାରେ ଫର୍ମ ପୂରଣ କରିଥିବା ବେଳେ ମାତ୍ର ୧୭୪ ଜଣ ପରୀକ୍ଷା ଦେଇଥିଲେ ଓ ୫୦ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ ବୋଲି ଗଞ୍ଜାମ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୁତ୍ରରୁ ପ୍ରକାଶ।

ସେହିପରି ଆସିକା ବ୍ଲକର ୩୪ଟି ହାଇସ୍କୁଲ ପାଇଁ ଗଠିତ ୧୦ଟି ପରୀକ୍ଷା କେନ୍ଦ୍ରରେ ଶୁକ୍ରବାର ଠାରୁ ଦଶମ ଶ୍ରେଣୀ ସମେଟିଭ ୨ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଭିନ୍ନ କେନ୍ଦ୍ରରେ ୪୭ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି । ୪୪ଜଣ ରେଗୁଲାର ଓ ୩ଜଣ ଏକ୍ସରେଗୁଲାର ଛାତ୍ରୀଛାତ୍ର ଅଛନ୍ତି। ମଧମା ପରୀକ୍ଷା ଲାଗି ହୋଇଥିବା ହରିହର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ସମସ୍ତ ୧୦ଜଣ ପରୀକ୍ଷାର୍ଥୀ ପରୀକ୍ଷାରେ ଯୋଗଦାନ କରିଥିବା ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ଭାଗିରଥି ପାତ୍ର ସୂଚନା ଦେଇଛନ୍ତି ।

ସେହିପରି ବେଗୁନିଆପଡ଼ା ଜନତା ନୋଡାଲ୍ ଉଚ୍ଚ ବିଦ୍ୟାଳୟରେ ୨୫୬ ଜଣ ଛାତ୍ରୀଛାତ୍ର ୪ଟି ବିଦ୍ୟାଳୟରୁ ପରୀକ୍ଷା ଦେବା ପାଇଁ ଆଲର୍ଟ ରହିଥିବା ବେଳେ ୫ ଅନୁପସ୍ଥିତ ରହିଛନ୍ତି। ପରୀକ୍ଷାର୍ଥୀଙ୍କ ପାଇଁ ସକାଳ ୭ଟାରୁ ପରୀକ୍ଷା କେନ୍ଦ୍ର ଖୋଲା ରହିଥିଲା। ମାଟ୍ରିକ ରେଗୁଲାର, ଏକ୍ସରେଗୁଲାର, ପତ୍ରବିନିମୟ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପ୍ରଶ୍ନପତ୍ର ସବୁ ପରୀକ୍ଷାର୍ଥୀଙ୍କ ପାଇଁ ସମାନ ରହିଛି। ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ଦେଇ ବେଶ୍ ଭଲ କରିଥିବା ଏବଂ କରୋନା କଟକଣା ନଥିବାରୁ ଚଳିତ ବର୍ଷ ପରୀକ୍ଷା ଦେଇ ବେଶ୍ ଖୁସି ଅନୁଭବ କରୁଥିବାର କହିଛନ୍ତି ଛାତ୍ରୀଛାତ୍ର।

ସେହିପରି ଦିଗପହଣ୍ଡି ବ୍ଲକର ୧୨ ପରୀକ୍ଷା କେନ୍ଦ୍ରରେ ସମୁଦାୟ ୨୨୭୮ ବିଦ୍ୟାର୍ଥୀ ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ଦେଇଛନ୍ତି। ଦିଗପହଣ୍ଡି ସ୍ଥିତ ବଡଖେମୁଣ୍ଡି ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମେତ ବ୍ଲକ ଅଧୀନ ଭୀଷ୍ମଗିରି, ଗୋକର୍ଣ୍ଣପୁର, ଗୌଡଗାଁ, ପଦ୍ମନାଭପୁର ନୋଡାଲ ହାଇସ୍କୁଲ ଓ ରାଧା ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟ, ଫାସିଗୁଡ଼ା, ସିଦ୍ଧେଶ୍ୱର, ତଲା ସିଂ, ବମକୋଇ ସ୍ଥିତ ଶିବାନନ୍ଦ ନୋଡାଲ ହାଇସ୍କୁଲ ଓ ବାଳିକା ଉଚ୍ଚ ବିଦ୍ୟାଳୟ ଗୁଡ଼ିକରେ ବିଦ୍ୟାର୍ଥୀମାନେ ଶାନ୍ତିପୂର୍ଣ୍ଣ ଭାବେ ପରୀକ୍ଷା ଦେଇଥିଲେ। ତେବେ ଦିଗପହଣ୍ଡି ବ୍ଲକରେ ଚଳିତ ବର୍ଷ ଦଶମ ଶ୍ରେଣୀ ମାଟ୍ରିକ ବୋର୍ଡ ପରୀକ୍ଷା ନିମନ୍ତେ ୨୩୦୯ ଜଣ ବିଦ୍ୟାର୍ଥୀଙ୍କ ନାମ ତାଲିକା ପ୍ରକାଶ ପାଇଥିବା ବେଳେ ୩୧ ବିଦ୍ୟାର୍ଥୀ ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ରହିଥିବା ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ କୋରେଶୁ ସେଠୀ ସୂଚନା ଦେଇଛନ୍ତି।




ବୁଗୁଡ଼ା ଶ୍ରୀଶ୍ରୀ ବିରଞ୍ଚି ନାରାୟଣ ଉଚ୍ଚବିଦ୍ୟାଳୟରେ ପରୀକ୍ଷାର୍ଥୀମାନେ କେନ୍ଦ୍ରରୁ ବାହାରୁଛନ୍ତି।



ପରୀକ୍ଷା ପୂର୍ବରୁ ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟରେ ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରାଯାଉଛି।



ବେଗୁନିଆପଡ଼ାରେ ପରୀକ୍ଷା କେନ୍ଦ୍ରକୁ ଯାଉଛନ୍ତି ଛାତ୍ରୀଛାତ୍ର।

